# Akashvani, Sambalpur

## SAMBALPURI NEWS BULLETIN

### 7 February 2026 – 6.47- 6.52 am.

*********************************************

ବିସିପିପିଇଆର      ଆଇ.ଆଣ୍ଡ.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍- କଟକ୍- ପୁରୀ- ପାରାଦ୍ୱୀପ୍ ଅର୍ଥନୈତିକ ଅଂଚଲ୍- ବିସିପିପିଇଆର୍ ଅର୍ଥନୈତିକ୍ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଉଦ୍‌ଘାଟନୀ ସମାରୋହର୍ ଆୟୋଜନ୍ କରାଯାଇଛେ । ଯୋଜ୍‌ନାଥି ୮୦ ନୁ ଅଏତ୍‌କା ପ୍ରସ୍ତାବିତ୍ ପ୍ରକଳ୍ପ ଆଉ ୩୦ ନୁ ଅଏତ୍‌କା ନୀତିଗତ ପ୍ରସ୍ତାବନା ସାମିଲ୍ ଅଛେ ।  ବିସିପିପିଇଆର୍ ଅଂଚଲ୍‌କେ ପର୍ଯ୍ୟଟନ୍ ଭିତିକ ସାଂସ୍କୃତିକ୍ ଆଉ ଐତିହ୍ୟ ଅର୍ଥନୀତି ଭାବେ ତହଁକାବାର୍, ଇତାର୍ ଜରିଏ ପୂର୍ବ ଭାରତ୍‌କେ ପ୍ରମୁଖ ବନ୍ଦର୍ ଭିତିକ ଶିଳ୍ପ ଆଉ ଲିଜିଷ୍ଟିକ୍ ହବ୍ ବନାବାର୍‌ଟା ହେଉଛେ ଇ ଯୋଜ୍‌ନାର୍ ପ୍ରମୁଖ ଉଦ୍ଦେଶ୍ ଆଏ ବଲି ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ-ଅନ୍ତର୍ଜାତୀୟ କମ୍ପାନୀ ପ୍ରତିନିଧି/ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଭିନ୍ ଭିନ୍ ଅନ୍ତର୍ଜାତୀୟ କମ୍ପାନୀର୍ ପ୍ରତିନିଧି ମାନ୍କର୍ ସଙ୍ଗେ ଭେଟ୍ ହେଇଛନ୍ । ବୈଠକ୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଲା ୨ ବଛର୍ ଭିତ୍ରେ ଓଡ଼ିଶା ନ ଶିଳ୍ପର୍ ବିକାଶ୍ ଆଉ ପରିବର୍ତନ୍ ଲାଗି ନିଆଯାଇଥିବା ପଦକ୍ଷେପ୍ ବାବ୍ଦେ ଆଲୋଚନା କରିଥିଲେ । ସଫଲ୍ ଉଦ୍ୟୋଗ୍ ମୋଡ଼େଲ୍ ମାନ୍କର୍ ଜରିଏ ଓଡ଼ିଶାର୍ ଯୁଆନ୍ ପିଢ଼ି ଆଉ ମହିଲାମାନ୍କର୍ ସଶକ୍ତିକରଣ୍ ଦିଗେ ସହଯୋଗ୍ କର୍ବାର୍ ଲାଗି କମ୍ପାନୀ ପ୍ରତିନିଧି ମାନ୍କୁ ମୁଖ୍ୟମନ୍ତ୍ରୀ ବୈଠକ୍ ଜରିଏ ଆହ୍ୱାନ୍ ଦେଇଛନ୍ । ଇ ଅବ୍ସରେ ପ୍ରତିନିଧି ମାନେ ଓଡ଼ିଶା ସଙ୍ଗେ ଭାଗିଦାର୍କେ ମଜ୍ବୁତ୍ କର୍ବାର୍ ଲାଗି ପ୍ରତିଶ୍ରୁତି ଦେଇଛନ୍ । ସୂଚ୍ନା ଅନ୍ସାରେ ବ୍ଲେକ୍ ସ୍ୱାନ୍ ସମ୍ମିଲନୀଥି ଯୋଗ୍ ଦେବାର୍କେ ଇ ପ୍ରତିନିଧି ମାନେ ଓଡ଼ିଶା ଆସିଛନ୍ ।

ମୁଖ୍ୟମନ୍ତ୍ରୀ-ଭାରତୀୟ ମଜ୍ଦୁର୍ ସଂଘ     ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ପ୍ରଯୁକ୍ତିବିଦ୍ୟା, ଦକ୍ଷତା ବିକାଶ୍ ଜରିଏ ଶ୍ରମିକ୍ମାନ୍କର୍ କଲ୍ୟାଣ୍ ହେବା ଆଉ ଦେଶର୍ ଭବିଷ୍ୟତ୍ ଅଭିବୃଦ୍ଧିକେ ଓଡ଼ିଶା ଆହୁରି ବର୍କସ୍ କରିପାର୍ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ

ଠାନେ ହେଇଥିବା ଭାରତୀୟ ମଜ୍ଦୁର୍ ସଂଘର୍ ୨୧ ନମ୍ବର୍ ସମ୍ମିଳନୀଥି ଗଲାକାଏଲ୍ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଗଲା ୨୦ ମାସ୍ ଭିତ୍ରେ ରାଏଜେ ଅଢ଼େଇ ଲାଖ୍ କୋଟି ଟଙ୍କାର୍ ପ୍ରକଳ୍ପ ମୁଲ୍ ହେଇଛେ । ଆଏବା ବଛର୍ ମାନ୍‌କେ ପାଖାପାଖି ୨୦ ଲାଖ୍ କୋଟି ଟଙ୍କାର୍ ବିନିଯୋଗ୍ ଆଶା କରାଯାଉଛେ । ରାଜ୍ୟର୍ ଇ ଅଭିବୃଦ୍ଧିକେ ସମର୍ଥନ୍ କର୍‌ବାର୍ ଲାଗି ଦକ୍ଷ ଆଉ ପ୍ରଶିକ୍ଷିତ କର୍ମଚାରୀ ଦର୍‌କାର୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

## ଆଧାର୍ ସଂଶୋଧନ୍ ଆଇ.ଆଣ୍ଡ୍.ପି.ଆର୍

ୟୁଆଇଡିଏଆଇ-ଆଧାର୍ ଡାଟାବେସ୍‌କେ ଫଟିକ୍ କର୍‌ବାର୍ ଲାଗି ସାରା ଦେଶେ ସଂଶୋଧନ୍ କରାଯାଉଛେ । ଇଥି ଏବ୍‌ତକ୍ ୨ କୋଟିନୁ ଅଏତ୍‌କା ମଲା ଲୁକ୍‌କର୍ ଆଧାର୍ ନମ୍ବର୍‌କେ ନିଷ୍କ୍ରିୟ କରାଯାଇଛେ । ଓଡ଼ିଶା ନ ଭିଲ୍ ଏନ୍ତା କେତେ ମଲା ଲୁକ୍‌କର୍ ଆଧାର୍ ନମ୍ବର୍ ନିଷ୍କ୍ରିୟ କରାଯାଇଛେ । ମାତରକ ରାଜ୍ୟର୍ କିଛି ବଂଚିଥିବାର୍ ଲୁକ୍‌କର୍ ଆଧାର୍ ନମ୍ବର୍ ନିଷ୍କ୍ରିୟ କରାଯାଇଛେ ବଲି ସାମାଜିକ୍ ଗଣମାଧ୍ୟମ୍‌ଥି ଭୁଲ୍ ତଥ୍ୟ ପ୍ରକାଶ୍ କରାଯାଉଛେ । ଇତାକେ ନେଇକରି କିଛି ଅଭିଯୋଗ୍ ହେଲେ ଭୁବ୍‌ନେଶ୍ୱର୍ ନ ଥିବା ୟୁଆଇଡିଏଆଇ ରାଜ୍ୟ ଶାଖା ନ ଅଭିଯୋଗ୍ କରାଯାଇପାର୍‌ବା ବଲି କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ କୁହାଯାଇଛେ ।

ସ୍ୱତନ୍ତ୍ର ଟ୍ରେନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ହୋଲି ଆଉ ଦୋଳପୂର୍ଣ୍ଣିମା ଅବ୍‌ସରେ ସହଜ୍ ଯାତ୍ରା ଆଉ ଭିଡ୍ ଆଏତ୍ କର୍‌ବାର୍ ଲାଗି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ୬୨ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍‌କେ ଯୋଜ୍‌ନା କରାଯାଇଛେ । ଇ ସ୍ୱତନ୍ତ୍ର ଟ୍ରେନ୍ ସବୁ ସମ୍ବଲ୍‌ପୁର୍-ଏରୋଡ୍, ବିଶାଖାପାଟ୍‌ନା-ତିରୁପତି, ବିଶାଖାପାଟ୍‌ନା-ଏମ୍‌ଏସ୍‌ଭିବି ବେଙ୍ଗାଲୁରୁ, ବିଶାଖାପାଟ୍‌ନାମ୍- ଶାଲିମାର୍, ପୁରୀ - ପାଟ୍‌ନା, ପୁରୀ - ଉଧନା, ଭୁବ୍‌ନେଶ୍ୱର-ଯଶୋବନ୍ତପୁର୍ ଆଉ ଭୁବନେଶ୍ୱର୍-ଧାନ୍‌ବାଦ୍ ସହେତେ ଦେଶର୍ ପ୍ରମୁଖ ସହର୍‌ମାନ୍‌କର୍ ସାଙ୍ଗେ ଜୁଡ଼ିହେବା ।

ଅଗ୍ନି-୩          ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର୍ ଜିଲ୍ଲା ଚାନ୍ଦିପୁର୍ ଆଇଟିଆର୍‌ନୁ ଗଲାକାଏଲ୍ ମଧ୍ୟମ୍ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ୍- ଅଗ୍ନି-୩ ର ସଫଲ୍ ପରୀକ୍ଷଣ୍ କରାଯାଇଛେ । ପରୀକ୍ଷଣ୍ ବେଲ୍‌କେ କ୍ଷେପଣାସ୍ତ୍ର ସବୁ ସଂଚାଲନ୍ ଆଉ ବୈଷୟିକ୍ ମାନବ୍‌ର ସଫଲ୍ ଯାଂଚ୍ କରାଯାଇଥିଲା । ଭାରତୀୟ ପ୍ରତିରକ୍ଷା ଗବେଷଣା ଆଉ ଉନ୍ନୟନ୍ ସଂଗଠନ୍ - ଡିଆର୍‌ଡିଓ ତର୍‌ଫୁ

ତିଆର୍ ହେଇଥିବା ପରମାଣୁ କ୍ଷମତା ସମ୍ପନ୍ନ ଅଗ୍ନି-୩ କ୍ଷେପଣାସ୍ତ୍ର ୩ ହଜାର୍‌ନୁ ସାଢ଼େ ୩ ହଜାର୍ କିଲୋମିଟର୍‌ତକ୍ ଲକ୍ଷ୍ୟଭେଦ କରିପାର୍‌ବା ।

ଜନଗଣନା-ତାଲିମ୍ କାର୍ଯ୍ୟକ୍ରମ୍ ସୁବର୍ଣ୍ଣପୁର ସମ୍ବାଦଦାତା

୨୦୨୭ ପହେଲା ଖେପ୍ ଜନଗଣନା ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲାକାଏଲ୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜନଗଣନାକେ ଭଲ୍ ଭାବେ କର୍‌ବାର୍ ଲାଗି ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନ୍‌କୁ ଇ ଅବ୍‌ସରେ ତାଲିମ୍ ଦିଆଯାଇଛେ । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରଣାଳୟର୍ ଜନଗଣନା ବିଭାଗ୍‌ର ଯୁଗ୍ମ ନିର୍ଦ୍ଦେଶକ୍ ଡକ୍ଟର୍ ଅଭୟ ନାରାୟଣ୍ ନାଏକ୍ ଆଉ ଶିବମ୍ ଜୟସ୍‌ୱାଲ୍ ଯୋଗ୍ ଦେଇକରି ତାଲିମ୍ ଦେଇଥିଲେ ।

ଓଡ଼ିଆ ଭାଷା ତାଲିମ୍ ଆଇ.ଆଣ୍ଡ୍.ପି.ଆର୍

ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ଲାଗି ଭୁବ୍‌ନେଶ୍ୱର୍ ସର୍‌କାରୀ ଅଧିକାରୀମାନ୍‌କର୍ ୨ ଦିନିଆ ତାଲିମ୍ ଶିବିର୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ

ଯୋଗ୍ ଦେଇକରି ଓଡ଼ିଆ ଭାଷାଥି ସର୍କାରୀ କାମ୍‌କାଜ୍ କର୍‌ବାର୍ ଲାଗି ରାଜ୍ୟ ସର୍କାର୍ ଜୋର୍ ଦଉଛନ୍ ବଲି କହିଛନ୍ ।

ଖଡ଼ିଆଲ୍ ମହୋତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହୋତ୍ସବ୍‌ର ୩ ନମ୍ବର୍ ଦିନେ ଗଲାକାଏଲ୍ ରଙ୍ଗାରଙ୍ଗ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା । ଭିନ୍ ଭିନ୍ ଇଲାକାର୍ ଲୋକ୍‌କଲା ସହେତେ ଓଡ଼ିଆ ସିନ୍‌ମା ଜଗତ୍‌ର ଗାୟିକା ମାନ୍‌କର୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ଦର୍ଶକ୍‌ମାନେ ବିଭୋର୍ ହେଇଯାଇଥିଲେ ।

ଟି-ଟ୍ୱେଂଟି ବିଶ୍ୱକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ- ଆଇସିସି ତର୍ଫୁ ଟି-ଟ୍ୱେଂଟି ବିଶ୍ୱକପ୍‌ର ୧୦ ନମ୍ବର୍ ସଂସ୍କରଣ୍ ଆଏଜ୍‌ଠାନୁ ମୁଳ୍ ହେବା । ଇ ବଛର୍ ଭାରତ୍ ଆଉ ଶ୍ରୀଲଙ୍କା ମିଶିକରି ବିଶ୍ୱକପ୍‌ର ଆୟୋଜନ୍ କରୁଛନ୍ । ପହେଲା ଦିନ ଆଏଜ୍ ୩ ଟା ମେଚ୍ ଖେଲାଯିବା । ମୁମ୍ବାଇର୍ ୱାଙ୍ଖଡ଼େ ଷ୍ଟାଡ଼ିୟମ୍ ନ ଆଏଜ୍ ସଞ୍ଜ୍‌ବେଲର୍ ୭ ବଜେ ଭାରତ୍ ଆଉ ଆମେରିକା ଭିତ୍‌ରେ ମେଚ୍ ଖେଲାଯିବା । କଲିକତା ନ ସ୍କଟଲାଣ୍ଡ ଆଉ ୱେଷ୍ଟ୍‌ଇଣ୍ଡିଜ୍ ଆଉ

ଶ୍ରୀଲଙ୍କାର୍ କଲମ୍ବୋ ନ ପାକିସ୍ତାନ୍ ଆଉ ନେଦର୍ଲାଣ୍ଡ୍ ଭିତ୍ରେ ମେଚ୍ ହେବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍ଭାଗୀ ଜାଗାନ ଶୀତ୍ର ପ୍ରଭାବ୍ କମିଛେ । ଆଏଜ୍ଠାନୁ ରାଏଜେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀ ତକ୍ କମ୍ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।